# ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼, ଜିଲ୍ଲା- ନୂଆପଡ଼ା

ପତ୍ର ସଂଖ୍ୟା ୨୩୪୭ ତାରିଖ : ୬.୯.୨୦୨୪

## ଟେଣ୍ଡର ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ଅଧିନସ୍ଥ ସୈରାତ ତା. ୧.୧୦.୨୦୨୪ ରିଖ ଠାରୁ ତା. ୩୦.୦୯.୨୦୨୫ ପର୍ଯ୍ୟନ୍ତ ନିଲାମ ଦିଆଯିବା ନିମନ୍ତେ ନିମ୍ନସ୍ୱାକ୍ଷରକାରୀ ନିର୍ଦ୍ଦିଷ୍ଟ ଫର୍ମରେ ଲଉମୁଦ ଟେଣ୍ଡର ଆହ୍ୱାନ କରାଯାଉଛି । ଉକ୍ତ ଟେଣ୍ଡର ନିମନ୍ତେ ଧାର୍ଯ୍ୟ ଫର୍ମ ମୂଲ୍ୟ (ଅଣ ଫେରସ୍ତ) ପରିଷଦର କ୍ୟାସିୟରଙ୍କ ନିକଟରେ ଡିମାଣ୍ଡ ଡ୍ରାଫ୍/ବ୍ୟାଙ୍କରସ୍ ଚେକ୍/ନଗଦ ପଇଠ ଦେଇ ତା. ୬.୦୯.୨୦୨୪ ଠାରୁ ତା. ୨୬.୦୯.୨୦୨୪ ଅପରାହ୍ନ ଘ.୧.୦୦ ମି. ସମୟ ମଧ୍ୟରେ କ୍ରୟ କରି ତା. ୨୬.୦୯.୨୦୨୪ ଅପରାହ୍ନ ଘ. ୧.୦୦ଟିକା ମଧ୍ୟରେ ରେଜିଷ୍ଟ୍ରି ଡାକ ଦ୍ୱାରା ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ନିର୍ଦ୍ଦିଷ୍ଟ ସମୟ ପରେ କୌଣସି ଟେଣ୍ଡର ପେପର ଗ୍ରହଣ କରାଯିବ ନାହିଁ । ତା. ୨୭.୦୯.୨୦୨୪ ରିଖ ପୂର୍ବାହ୍ନ ଘ.୧୧.୦୦ ମି. ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ କାଗଜଗୁଡ଼ିକୁ ଖୋଲାଯିବ । ଯେଉଁମାନେ ଟେଣ୍ଡରକୁ ଠିକ୍ ଭାବରେ ଦର୍ଶାଯାଇଥିବା ସର୍ତ୍ତାବଳୀ ଅନୁସାରେ ଦାଖଲ କରିନଥିବେ ତାଙ୍କର ଟେଣ୍ଡରଟି ନାକଚ କରାଯିବ । ଟେଣ୍ଡର ପକାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ନିମ୍ନରେ ଲେଖାଥିବା ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ଙ୍କ ନାମରେ ଡିମାଣ୍ଡ ଡ୍ରାଫ୍ /ବ୍ୟାଙ୍କରସ୍ ଚେକ୍ ଜରିଆରେ ଟେଣ୍ଡର ଫର୍ମ ସହ ଦାଖଲ କରିବେ ଅନ୍ୟଥା ଟେଣ୍ଡରଟିକୁ ନାକଚ କରାଯିବ । ଲଫାପା ଉପରେ ସୈରାତର ନାମ ନିଶ୍ଚୟ ଉଲ୍ଲେଖ କରିବେ । ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ସର୍ତ୍ତାବଳୀ ପରିଷଦ କାର୍ଯ୍ୟାଳୟ ତା. ୬.୦୯.୨୦୨୪ ଠାରୁ ତା. ୨୬.୦୯.୨୦୨୪ ଅପରାହ୍ନ ଘ.୧.୦୦ମି. କାର୍ଯ୍ୟ ଦିବସ ଗୁଡ଼ିକରେ ପ୍ରାପ୍ତ କରିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡ଼ାଙ୍କ ୱେବସାଇଟ – http://nuapada.odisha.gov.in ରୁ ଦେଖି ପାରିବେ । **କୋରିୟର ଦ୍ୱାରା କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ ।**

କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ଏବଂ ସମସ୍ତ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି । ଏହା ଛଡ଼ା କର୍ତ୍ତୃପକ୍ଷ ଚାହିଁଲେ କୌଣସି କାରଣ ନଦର୍ଶାଇ ଟେଣ୍ଡରକୁ ରଦ୍ଦ/ନାକଚ କରିପାରିବେ ।

| କ୍ର. ନଂ. | ସୈରାତର ନାମ | ଅପସେଟ ମୂଲ୍ୟ | ଅମାନତ ମୂଲ୍ୟ | ସଲଭେନସି ସାର୍ଟିଫିକେଟ (ତହସିଲଦାର / ଉପ-ଜିଲ୍ଲାପାଳ) କିମ୍ବା ବ୍ୟାଙ୍କ ଗ୍ୟାରେଣ୍ଟି | ଟେଣ୍ଡର ପେପର ମୂଲ୍ୟ |
|---|---|---|---|---|---|
| ୧. | ସାପ୍ତାହିକ ହାଟ | ଟ. ୧,୫୦,୦୦୦/- | ଟ. ୩୭,୫୦୦/- | ଟ. ୫୦,୦୦୦/- | ଟ. ୧୦୦୦/- |

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୨୩୪୮(କ) / ତା. ୬.୯.୨୦୨୪

ଏହାର ଏକକିତା ନକଲ ଜିଲ୍ଲାପାଳ, ନୂଆପଡ଼ା/ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର.ଡି.ଏ. ନୂଆପଡ଼ା/ଉପ-ଜିଲ୍ଲାପାଳ, ନୂଆପଡ଼ା/ତହସିଲଦାର, ନୂଆପଡ଼ା/ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡ଼ା/ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ନୂଆପଡ଼ା/ସହକାରୀ ଯନ୍ତ୍ରୀ, ଜନ ସ୍ୱାସ୍ଥ୍ୟ ବିଭାଗ, ଖରିଆର ରୋଡ଼/ କାର୍ଯ୍ୟାଳୟର ବିଜ୍ଞାପନ ଫଳକ/ଟେଣ୍ଡର କମିଟିଙ୍କ ନିକଟକୁ ପଠାଯାଇ ସର୍ବସାଧାରଣଙ୍କ ଅବଗତି ପାଇଁ ବିଜ୍ଞାପନ ଫଳକରେ ଝୁଲାଇବା ପାଇଁ ଅନୁରୋଧ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୨୩୪୮(ଖ) / ତା. ୬.୯.୨୦୨୪

ଏହାର ଏକକିତା ନକଲ ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼/ଉପାଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ / ସମସ୍ତ ପାରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୨୩୫୦ / ତା. ୬.୯.୨୦୨୪

ଏହାର ଏକକିତା ନକଲ Deputy Director, Advertisement & Deputy Secretary to Govt. I&PR Department, Odisha, Bhubaneswar ଙ୍କ ନିକଟକୁ ପ୍ରେରଣ କରାଗଲା । ଏକ ଦିନ ନିମନ୍ତେ (୮ ସେ.ମି. X ୮ ସେ.ମି.) ସ୍ଥାନ ବ୍ୟବହାର କରି [Rule 9 (C) Appendix – IX OPWD Code Volume – II] ଗୋଟିଏ ଦୈନିକ ଖବର କାଗଜ ପତ୍ରିକାରେ ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୨୩୫୧ / ତା. ୬.୯.୨୦୨୪

ଏହାର ଏକକିତା ନକଲ ଜିଲ୍ଲା ଇନଫରମେଟିକ୍ସ ଅଫିସର, ରାଷ୍ଟ୍ରୀୟ ସୂଚନା କେନ୍ଦ୍ର (ଏନ.ଆଇ.ସି.), ନୂଆପଡ଼ା ଙ୍କ ନିକଟକୁ ପ୍ରେରଣ କରାଯାଇ ଏହାକୁ ଜିଲ୍ଲା ପୋର୍ଟାଲ (i.e. https://nuapada.odisha.gov.in) ରେ ଦର୍ଶାଇବା ପାଇଁ ଅନୁରୋଧ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ

Scanned with OKEN Scanner